# ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ " ମାଛଚାଷ ପାଇଁ ନୂଆ ପୋଖରୀ ଖୋଳା ଯୋଜନା (ମତ୍ସ୍ୟ ପୋଖରୀ ଯୋଜନା)"

ଆମ ରାଜ୍ୟ ଓଡ଼ିଶା ୬.୮୬ ଲକ୍ଷ ହେକ୍ଟର ପରିମିତ ମଧୁରଜଳ ମତ୍ସ୍ୟସମ୍ପଦକୁ ନେଇ ସମୃଦ୍ଧ । ବିଗତ ପାଞ୍ଚବର୍ଷରେ ମଧୁରଜଳ ମାଛ ଉତ୍ପାଦନରେ ବାର୍ଷିକ ଅଭିବୃଦ୍ଧିହାର ୧୪% ହେବା ସହ ବାର୍ଷିକ ମଧୁରଜଳ ମାଛ ଉତ୍ପାଦନ ୫.୦୧ ଲକ୍ଷ ମେଟ୍ରିକ ଟନରେ ପହଞ୍ଚିପାରିଛି । ନୂତନ ପୋଖରୀ ଖୋଳି ମଧୁରଜଳ ମାଛ ଉତ୍ପାଦନ ବୃଦ୍ଧି, ଶିକ୍ଷିତ ଯୁବଗୋଷ୍ଠୀଙ୍କୁ କର୍ମନିଯୁକ୍ତି ଯୋଗାଇଦେବା ତଥା ନୂତନ ମତ୍ସ୍ୟ ଉଦ୍ୟୋଗୀ ସୃଷ୍ଟି ଉଦ୍ଦେଶ୍ୟରେ ରାଜ୍ୟ ଯୋଜନା ବ୍ୟୟରେ **"ମାଛଚାଷ ପାଇଁ ନୂଆ ପୋଖରୀ ଖୋଳା ଯୋଜନା (ମତ୍ସ୍ୟ ପୋଖରୀ ଯୋଜନା"** ନାମରେ ଏକ ରାଜ୍ୟ ଯୋଜନା କାର୍ଯ୍ୟକାରୀ ହେଉଛି ।

### ମତ୍ସ୍ୟ ପୋଖରୀ ଯୋଜନାରେ ମିଳୁଥିବା ସହାୟତା

| ନୂତନ ପୋଖରୀର ଆକାର | ୟୁନିଟ ମୂଲ୍ୟ (ଟଙ୍କାରେ) | ସରକାରୀ ରିହାତି | |
|---|---|---|---|
| | | ସାଧାରଣ ବର୍ଗ (୪୦%) | ଏସ୍.ସି./ଏସ୍ ଟି. ମହିଳା (୫୦%) |
| ୧.୦୦ ହେକ୍ଟର (୬ଫୁଟ ଗଭୀର) | ୭୦୦,୦୦୦ | ୨୮୦,୦୦୦ | ୩୫୦,୦୦୦ |
| ଇନ୍‌ପୁଟ (ଯାଆଁଳ, ମାଛଖାଦ୍ୟ ସାର ଇତ୍ୟାଦି) ଖର୍ଚ୍ଚ ୧.୦୦ ହେକ୍ଟର ପାଇଁ | ୧୫୦,୦୦୦ | ୬୦,୦୦୦ | ୭୫,୦୦୦ |
| ମୋଟ ଖର୍ଚ୍ଚ (୧.୦୦ ହେକ୍ଟର ପାଇଁ) | ୮୫୦,୦୦୦ | ୩୪୦,୦୦୦ | ୪୨୫,୦୦୦ |



### ଏହି ସହାୟତା ପାଇବା ପାଇଁ ନିୟମାବଳୀ:

୧. ଜଣେ ହିତାଧିକାରୀ ସର୍ବନିମ୍ନ ୦.୨ ହେକ୍ଟର ଓ ସର୍ବାଧିକ ୨.୦୦ ହେକ୍ଟର ପରିମିତ ପୋଖରୀରେ ଚାଷ ନିମନ୍ତେ ସହାୟତା ପାଇପାରିବେ ।

୨. ଖୋଳାଯିବାକୁ ଥିବା ପୋଖରୀର ଜମି ହିତାଧିକାରୀଙ୍କର ନିଜସ୍ୱ ତଥା ବିବାଦମୁକ୍ତ ହୋଇଥିବା ଆବଶ୍ୟକ

୩. ରାଜ୍ୟ ବା କେନ୍ଦ୍ର ସରକାରଙ୍କ ପୋଖରୀ ଖୋଳା ଯୋଜନାରେ ଯଦି ହିତାଧିକାରୀ ପୂର୍ବରୁ ୨.୦୦ ହେକ୍ଟରରୁ କମ ଆୟତନ ନୂତନ ପୋଖରୀ ଖୋଳା ପାଇଁ ସହାୟତା ପାଇଥିବେ, ତେବେ ଏହି ଯୋଜନାରେ ସାମିଲ ହୋଇ ଅବଶିଷ୍ଟ ୨ ହେକ୍ଟର ପର୍ଯ୍ୟନ୍ତ ସବସିଡି ପାଇପାରିବେ ।

୪. ଏଥିରେ ସାଧାରଣ ବର୍ଗଙ୍କ ପାଇଁ ପ୍ରକଳ୍ପ ମୂଲ୍ୟର ଶତକଡ଼ା ୪୦ ଭାଗ ଏବଂ ମହିଳା, ଅନୁସୂଚିତ ଜାତି ଓ ଜନଜାତି ହିତାଧିକାରୀଙ୍କ ପାଇଁ ଶତକଡ଼ା ୫୦ ଭାଗ ରିହାତି ବ୍ୟବସ୍ଥା ରହିଛି ।

୫. ଆଗ୍ରହୀ ହିତାଧିକାରୀ ଏଥିପାଇଁ ନିର୍ଦ୍ଧାରିତ ଫର୍ମ ସହିତ ନିଜ ପ୍ରସ୍ତୁତ ବୈଷୟିକ - ଅର୍ଥନୈତିକ ଯଥାର୍ଥତା, ଚାଷ କରିବାକୁ ଚାହୁଁଥିବା ପ୍ରଜାତିର ନାମ, ଆନୁମାନିକ ବ୍ୟୟ ସହ ଉତ୍ପାଦନ, ସ୍ଥାନୀୟ ନିଯୁକ୍ତି ସମ୍ପର୍କିତ ସବିସ୍ତୃତ ବିବରଣୀ ଓ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାର ସମୟସୀମା ସମ୍ପର୍କରେ ସମସ୍ତ ତଥ୍ୟ ସହକାରୀ ମତ୍ସ୍ୟ ଅଧିକାରୀଙ୍କ ମାଧ୍ୟମରେ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କୁ ଆବେଦନ ଉଭୟ ଅନଲାଇନ୍ କିମ୍ବା ଅଫ୍‌ଲାଇନ୍‌ରେ ଆବେଦନ କରିପାରିବେ ।

୬. ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ସ୍କ୍ରିନିଂ କମିଟି ଦ୍ୱାରା ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ନୂତନ ପୋଖରୀ ଖୋଳିବା ପାଇଁ ଜିଲ୍ଲା ମତ୍ସ୍ୟ ଅଧିକାରୀ ଅନୁମତି ପ୍ରଦାନ କରିବେ ।

୭. ପ୍ରକଳ୍ପ ସମ୍ପୂର୍ଣ୍ଣ ପରେ ଜିଲ୍ଲାସ୍ତରୀୟ ତଦାରଖ କମିଟି ଅନୁଧ୍ୟାନ କରିବା ପରେ ହିତାଧିକାରୀଙ୍କ ରିହାତି ଅର୍ଥ ସେମାନଙ୍କ ବ୍ୟାଙ୍କ ଜମାଖାତାକୁ DBT ମାଧ୍ୟମରେ ହସ୍ତାନ୍ତର କରାଯିବ ।

## ମତ୍ସ୍ୟ ଉତ୍ପାଦନ ବୃଦ୍ଧି, ଓଡ଼ିଶାର ସମୃଦ୍ଧି

**ଅଧିକ ବିବରଣୀ ଓ ସହାୟତା ନିମନ୍ତେ ବ୍ଲକ୍‌ରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ କିମ୍ବା ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।**

**ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର**